# NATIONAL NEWS BULLETIN (ODIA)

## 9 December - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆଜି ନିର୍ବାଚନୀ ସଂସ୍କାର ସମ୍ପର୍କରେ ହେବ ଆଲୋଚନା ।

- ରାଜ୍ୟସଭାରେ ଜାତୀୟ ଗୀତ ବନ୍ଦେ ମାତରମର ୧୫୦ବର୍ଷ ପୂର୍ତ୍ତି ନେଇ ଆଲୋଚନା ପାଇଁ ରହିଛି କାର୍ଯ୍ୟସୂଚୀ ।

- ଦେଶରେ ଆଜିସୁଦ୍ଧା ବିମାନ ଉଡାଣ ସମ୍ପୂର୍ଣ୍ଣ ସ୍ୱାଭାବିକ ହେବ - କହିଲେ କେନ୍ଦ୍ର ବେସାମରିକ ଚଳାଚଳ ମନ୍ତ୍ରୀ ।

- ନୂଆଦିଲ୍ଲୀରେ ଆଜି ଜାତୀୟ ହସ୍ତଶିଳ୍ପ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ।

- ୟୁକ୍ରେନ ପ୍ରସଙ୍ଗରେ ଆଜି ଜାତିସଂଘ ସୁରକ୍ଷା ପରିଷଦର ଅନୁଷ୍ଠିତ ହେବ ମୁକ୍ତ ବୈଠକ ।

ଏବଂ

- ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆଜି କଟକ ବାରବାଟୀ ଷ୍ଟାଡିୟମଠାରେ ଖେଳାଯିବ ଟି-୨୦ କ୍ରିକେଟ ମ୍ୟାଚ୍ ।

# ଏଲ୍‌ଏସ୍‌-ବନ୍ଦେ ମାତରମ

ଲୋକସଭାରେ ଆଜି ନିର୍ବାଚନୀ ସଂସ୍କାର ସମ୍ପର୍କରେ ଆଲୋଚନା ହେବ। ରାଜ୍ୟସଭାରେ ଜାତୀୟ ଗୀତ ବନ୍ଦେ ମାତରମର ୧୫୦ବର୍ଷ ପୂର୍ତ୍ତି ସମ୍ପର୍କରେ ଆଲୋଚନା ହେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଲୋକସଭାରେ ଗତକାଲି ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆଲୋଚନାରେ ଭାଗନେଇ ପ୍ରଧାନମନ୍ତ୍ରୀ କହିଛନ୍ତି କହିଛନ୍ତି ପ୍ରତ୍ୟେକ ମୁକାବିଲାର ଆହ୍ୱାନ ଲାଗି ଭାରତର ସାମର୍ଥ୍ୟ ରହିଛି ଏବଂ ବନ୍ଦେ ମାତରମର ଶକ୍ତି ଓ ପ୍ରେରଣା ଦେଶବାସୀଙ୍କୁ ଦୃଢ଼ତା ପ୍ରଦାନ କରିଛି । ବନ୍ଦେ ମାତରମ କେବଳ ଏକ ଗୀତ ନୁହେଁ ବରଂ ନାଗରିକମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ପ୍ରତି ସଜାଗ କରାଇବା କ୍ଷେତ୍ରରେ ପ୍ରେରଣାର ସ୍ରୋତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଆତ୍ମନିର୍ଭର ଭାରତ ସ୍ୱପ୍ନ ପୂରଣ ଦିଗରେ ବନ୍ଦେ ମାତରମ ଦେଶବାସୀଙ୍କ ପାଇଁ ପ୍ରେରଣା ପାଲଟିଛି । ଗତକାଲି ଲୋକସଭାରେ ଜାତୀୟ ସଂଗୀତ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ପାଳନ ନେଇ ସ୍ୱତନ୍ତ୍ର ଆଲୋଚନା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟ ଏହି ଜାତୀୟ ସଂଗୀତକୁ ୧୮୭୫ ମସିହାରେ ରଚନା କରିଥିଲେ ।

**V/O (PM Atmanirvar Bharat)**

ଆଲୋଚନା ଆରମ୍ଭ କରି ଶ୍ରୀ ମୋଦୀ କହିଥିଲେ ବନ୍ଦେ ମାତରମ ମଧ୍ୟ ଦେଶବାସୀଙ୍କୁ ଶକ୍ତି ଏବଂ ପ୍ରେରଣା ପ୍ରଦାନ କରିଥିଲା ଓ ସ୍ୱାଧୀନତା ସଂଗ୍ରାମକୁ ସ୍ୱପ୍ନ ହାସଲ କରିବାରେ ମାର୍ଗଦର୍ଶନ କରିଥିଲା । ବନ୍ଦେ ମାତରମକୁ ସ୍ମରଣ କରିବା ଗୃହର ସମସ୍ୟ ସଦସ୍ୟ ଏବଂ ଦେଶବାସୀଙ୍କ ପାଇଁ ବଡ ସୌଭାଗ୍ୟ

ବୋଲି ସେ କହିଛନ୍ତି । ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଦେଶକୁ ସ୍ୱାଧୀନ କରିବା ଲାଗି ବନ୍ଦେ ମାତରମ ଏକ ଦୃଢ଼ ପ୍ରେରଣା ଭାବେ କାର୍ଯ୍ୟ କରିଥିଲେ ବୋଲି ଶ୍ରୀ ମୋଦୀ କହିଥିଲେ ।

## ଏନ୍‌ଡିଏ-ପାର୍ଲ୍ୟାମେଣ୍ଟାରୀ ପାର୍ଟି

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍‌ଡିଏର ସଂସଦୀୟ ଦଳ ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ସଂସଦ ଲାଇବ୍ରେରୀ ବିଲ୍‌ଡିଂର ଜିଏମ୍‌ସି ବାଲାଯୋଗୀ ଅଡିଟୋରିୟମରେ ଏହି ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି । ଏନ୍‌ଡିଏର ସମସ୍ତ ଲୋକସଭା ଏବଂ ରାଜ୍ୟସଭା ସଦସ୍ୟମାନଙ୍କୁ ବୈଠକରେ ଉପସ୍ଥିତ ରହିବା ଲାଗି କୁହାଯାଇଛି ।

## ନାଇଡୁ-ଡିଡି ନ୍ୟୁଜ୍ ଏକ୍ସକ୍ଲୁସିଭ

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି ଦେଶରେ ଆଜି ସୁଦ୍ଧା ବିମାନ ଉଡାଣ ସମ୍ପୂର୍ଣ୍ଣ ସ୍ୱାଭାବିକ । ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ଇଣ୍ଡିଗୋ ପକ୍ଷରୁ ଦିଆଯାଇଥିବା କାରଣ ଦର୍ଶାଅ ନୋଟିସ୍‌ର ଜବାବର ବିଚାର କରୁଛନ୍ତି, ଏବଂ ଆବଶ୍ୟକସ୍ଥଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି ।

ଦୂରଦର୍ଶନ ନ୍ୟୁଜ୍ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାରରେ ଶ୍ରୀ ନାଇଡୁ କହିଛନ୍ତି ବିମାନ ଉଡାଣ ନେଇ ସୃଷ୍ଟି ହୋଇଥିବା ସମସ୍ୟା ପାଇଁ ଇଣ୍ଡିଗୋ ସମ୍ପୂର୍ଣ୍ଣଭାବେ ଦାୟୀ । ଇଣ୍ଡିଗୋର ଆଭ୍ୟନ୍ତରୀଣ ପରିଚାଳନାରେ ତ୍ରୁଟି ହେତୁ ଏଭଳି ଅସୁବିଧା ଉପୁଜିଥିଲା ଏବଂ ଅନେକଗୁଡ଼ିଏ ଉଡାଣ ବାତିଲ କରାଯାଇଥିଲା । ସେ କହିଛନ୍ତି ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେସନ ଯୋଗୁଁ ଆଦୌ ଅସୁବିଧା ସୃଷ୍ଟି ହୋଇନାହିଁ । ସେ କହିଛନ୍ତି କେନ୍ଦ୍ର ସରକାର ସମସ୍ତ ବିମାନସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ ସମାନ ଭାବରେ ବିବେଚନା କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

## ଆଭିଏସନ ସେକ୍ରେଟାରୀ-ଇଣ୍ଡିଗୋ

ବେସାମରିକ ବିମାନ ଚଳାଚଳ ସଚିବ ସମୀର କୁମାର ସିହ୍ନା କହିଛନ୍ତି ଇଣ୍ଡିଗୋ ପକ୍ଷରୁ ବିମାନସେନା ପ୍ରାୟତଃ ସ୍ୱାଭାବିକ ହୋଇଛି । ଗତକାଲି ଇଣ୍ଡିଗୋ ୧ହଜାର ୮୦୦ଟି ଉଡାଣ ସଫଳଭାବେ ପରିଚାଳନା କରିଛି, ଯାହା କମ୍ପାନୀର ସାଧାରଣ ଉଡାଣଠାରୁ ସାମାନ୍ୟ କମ୍ ରହିଛି । ସେ କହିଛନ୍ତି ଆକାଶ, ଏୟାରଇଣ୍ଡିଆ ଏକ୍ସପ୍ରେସ୍ ଏବଂ ସ୍ପାଇସ୍ ଜେଟ୍ ମଧ୍ୟ ପୂର୍ଣ୍ଣମାତ୍ରାରେ ଉଡାଣ କରୁଛନ୍ତି ।

ଯାତ୍ରୀମାନଙ୍କୁ ସେମାନଙ୍କ ଟିକଟ ବାବଦ ଅର୍ଥ ଓ ଲଗେଜ ଫେରସ୍ତ ନେଇ ଶ୍ରୀ ସିହ୍ନା କହିଛନ୍ତି ଯାତ୍ରୀମାନଙ୍କୁ ପାଖାପାଖି ସମସ୍ତ ଅର୍ଥ ପ୍ରଦାନ କରାଯାଇଛି । ଏ

ବାବଦରେ ୫ଶହ ଅଣସ୍ତରୀ କୋଟିରୁ ଅଧିକ ଟଙ୍କା ଫେରସ୍ତ କରାଯାଇଥିବା ସେ କହିଛନ୍ତି । ମୋଟ୍ ୯ହଜାର ଲଗେଜ ମଧ୍ୟରୁ ୪ହଜାର ୫୦୦ ଯାତ୍ରୀଙ୍କୁ ଲଗେଜ ଫେରସ୍ତ କରାଯାଇ ସାରିଥିବାବେଳେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ସମସ୍ତ ଯାତ୍ରୀଙ୍କ ପାଖରେ ସେମାନଙ୍କ ଲଗେଜ ପହଞ୍ଚିଯିବ ବୋଲି ସେ କହିଛନ୍ତି ।

## ପ୍ରେଜ୍-ଆଓ୍ବାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ  କାରିଗରମାନଙ୍କ କଳାକୃତିକୁ ମାନ୍ୟତା ପ୍ରଦାନ ଲାଗି ୨୦୨୩ ଏବଂ ୨୦୨୪ ବର୍ଷ ପାଇଁ ହସ୍ତଶିଳ୍ପ ପୁରସ୍କାର ପ୍ରଦାନ କରିବେ। କାର୍ଯ୍ୟକ୍ରମରେ  ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ଏବଂ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଉପସ୍ଥିତ ରହିବେ। ବୟନଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ପୁରସ୍କାରଗୁଡ଼ିକ ଅତୁଳନୀୟ କଳାତ୍ମକ ଉତ୍କର୍ଷତାକୁ ସ୍ୱୀକୃତି ଦେଇଥାଏ ଏବଂ ଦେଶର ସମୃଦ୍ଧ ଓ ବିବିଧ ହସ୍ତଶିଳ୍ପ ଐତିହ୍ୟର ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ  ପ୍ରକାଶ କରିଥାଏ । ଜାତୀୟ ହସ୍ତଶିଳ୍ପ ସପ୍ତାହ ପାଳନର ଅଂଶ ଭାବରେ, ଭାରତର କାରିଗରମାନଙ୍କୁ ସମ୍ମାନ ସ୍ୱରୂପ ଏବଂ ହସ୍ତଶିଳ୍ପର ସ୍ଥାୟୀ ସାଂସ୍କୃତିକ ଗୁରୁତ୍ୱକୁ ପାଳନ କରିବା ନିମନ୍ତେ ପ୍ରତିବର୍ଷ ଡିସେମ୍ବର ୮ ତାରିଖରୁ ଜାତୀୟ ହସ୍ତଶିଳ୍ପ ସପ୍ତାହ ପାଳନ କରାଯାଏ।

## ୟୁଏନ୍ଏସ୍ସି-ୟୁକ୍ରେନ

ୟୁକ୍ରେନ୍ ପ୍ରସଙ୍ଗରେ ଆଜି ଜାତିସଂଘ ସୁରକ୍ଷା ପରିଷଦର ଏକ ମୁକ୍ତ ବୈଠକ ଅନୁଷ୍ଠିତ ହେବ । ଜାତିସଂଘର ସ୍ଥାୟୀ ସଦସ୍ୟ ଗଣମାଧ୍ୟମ ପକ୍ଷରୁ ଏହି ବିଷୟ ଘୋଷଣା କରାଯାଇଛି । ବୈଠକରେ ସ୍ଲୋଭେନିଆ ସମେତ ଡେନ୍ମାର୍କ, ଫ୍ରାନ୍ସ, ଇଂଲଣ୍ଡ, ଗ୍ରୀସ୍ ଏବଂ କୋରିଆ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ରୁଷିଆ ଆଟାକ ଆଲର୍ଟ

ରୁଷ୍ର ଦକ୍ଷିଣ ଏବଂ ପଶ୍ଚିମାଞ୍ଚଳର ବିଭିନ୍ନ ସ୍ଥାନରେ ଡ୍ରୋନ୍ ଆକ୍ରମଣ ନେଇ ସତର୍କତା ଜାରି କରାଯାଇଛି । ରୁଷ୍ ପ୍ରଶାସନ ପକ୍ଷରୁ ସୁରକ୍ଷା ଦୃଷ୍ଟିରୁ ଦକ୍ଷିଣାଞ୍ଚଳରେ ଥିବା ୪ଟି ବିମାନ ବନ୍ଦରରେ ବିମାନ ଉଡାଣ ବନ୍ଦ ରଖାଯାଇଛି । ଡ୍ରୋନ୍ ଆକ୍ରମଣ ନେଇ ସୂଚନା ମିଳିବା ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବିଭିନ୍ନ ସ୍ଥାନରେ ହାଇଆଲର୍ଟ ଜାରି କରାଯାଇଛି ।

## ବାବା ଆଧବ ଡିମାଇଜ୍ଡ

ବରିଷ୍ଠ ସମାଜବାଦୀ ନେତା ତଥା ବିଶିଷ୍ଟ ସମାଜସେବୀ ଡକ୍ଟର ବାବା ଆଧାବଙ୍କ ଗତକାଲି ମହରାଷ୍ଟ୍ରର ପୁନେଠାରେ ୯୫ ବର୍ଷ ବୟସରେ ପରଲୋକ ହୋଇଛି । ସେ ପୁନା ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି । ଆଜି ସକାଳ ୧୦ଟାରେ

ହମଲଭବନ ମାର୍କେଡୟାର୍ଡଠାରେ ତାଙ୍କ ପାର୍ଥିବ ଶରୀରକୁ ଜନସାଧାରଣଙ୍କ ଦର୍ଶନ ପାଇଁ ରଖାଯିବ । ଆଜି ଅପରାହ୍ଣ ୪ଟା ବେଳେ ସ୍ୱର୍ଗତଃ ବାବା ଆଧାବଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ।

## ଅଶ୍ୱିନୀ ବୈଷ୍ଣବ

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ତିରୁପତି ଏବଂ ସାଇନଗର ସିରିଡିକୁ ସଂଯୋଗ କରୁଥିବା ଏକ ନୂତନ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିବେ । ଶ୍ରୀ ବୈଷ୍ଣବ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହାର ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ଏହି ସାପ୍ତାହିକ ଟ୍ରେନ୍ ଆସନ୍ତା ୧୪ ତାରିଖରୁ ତିରୁପତିରୁ ପ୍ରତ୍ୟେକ ରବିବାର ଅପରାହ୍ଣ୪ଟାରୁ ବାହାରିବ ଏବଂ ପ୍ରତ୍ୟେକ ସୋମବାର ସାଇନଗର ସିରିଡିରୁ ରାତି ୭ଟା ୩୫ମିନିଟ୍‌ରେ ଚଳାଚଳ କରିବ ।

## କ୍ରିକେଟ୍

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ଶତାଂଶ ବିଶିଷ୍ଟ ଟି-୨୦ର ପ୍ରଥମ ମ୍ୟାଚ୍ ଆଜି ଓଡ଼ିଶାର କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ ଖେଳାଯିବ । ସଂଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି ଆହତହେବା ପରେ ଉଭୟ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଶୁଭମନ ଗିଲ୍ ସୁସ୍ଥ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ଗୁରୁବାର ଦିନ ଚଣ୍ଡିଗଡର ମୁଲାନପୁରରେ ଖେଳାଯିବାକୁ ଥିବାବେଳେ ତୃତୀୟ ମ୍ୟାଚ୍ ଧର୍ମଶାଳାରେ, ଚତୁର୍ଥ ମ୍ୟାଚ୍ ଲକ୍ଷ୍ନୌରେ ଏବଂ ପଞ୍ଚମ ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ । ସୂଚନାଯୋଗ୍ୟ ଭାରତ ଦିନିକିଆ ସିରିଜ୍‌ରେ ଦକ୍ଷିଣ ଆଫ୍ରିକାକୁ ୨-୧ରେ ପରାସ୍ତ କରିଛି ।

## ହକି

ଏଫ୍‌ଆଇଏଚ୍ କନିଷ୍ଠ ମହିଳା ବିଶ୍ୱକପ୍ ହକିରେ ଆଜି ଚିଲିର ସାଣ୍ଟିଆଗୋରେ ଭାରତ ଏବଂ ଉରୁଗୁଏ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୧୦ଟାରେ ମ୍ୟାଚ୍ ଖେଳାଯିବ । ପୂର୍ବ ମ୍ୟାଚ୍‌ରେ ଭାରତ ଗତକାଲି ୱେଲ୍‌ସକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି । ଦଳପକ୍ଷରୁ ହିନା ବାନୋ, ସୁନେଲିତା ଟପ୍ପୋ ଏବଂ ଇସିକା ଗୋଟିଏ ଲେଖାଏଁ ସ୍କୋର କରିଥିଲେ ।

ପୁରୁଷ ହକିରେ ଗତକାଲି ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୨-୨ରେ ଡ୍ର ରହିଥିଲା । ଏହି ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ଥିବାବେଳେ ଆସନ୍ତାକାଲି ଫାଇନାଲ ମ୍ୟାଚ୍ ଖେଳାଯିବ ।